"ମିଠେ ବଚ୍ଚେ:- ଏହି ପବିତ୍ର ହେବାର ପାଠପଢା ସବୁ ପାଠପଢା ଠାରୁ ସହଜ ଅଟେ, ଏହାକୁ ଛୋଟ ପିଲା, ଯୁବକ, ବୃଦ୍ଧ ସମସ୍ତେ ପଢି ପାରିବେ, ଏଥିପାଇଁ କେବଳ ୮୪ ଜନ୍ମକୁ ଜାଣିବାକୁ ହେବ ।"

ପ୍ରଶ୍ନ**:-** ପ୍ରତ୍ୟେକ ଛୋଟ ହୁଅନ୍ତୁ ବା ବୟସ୍କ ହୁଅନ୍ତୁ ସମସ୍ତଙ୍କୁ କେଉଁ ଅଭ୍ୟାସ ନିଶ୍ଚିତ କରିବା ଦରକାର?

ଉତ୍ତର**:-** ପ୍ରତ୍ୟେକଙ୍କୁ ମୁରଲୀ ଶୁଣାଇବାର ଅଭ୍ୟାସ ନିଶ୍ଚିତ କରିବା ଦରକାର, କାରଣ ତୁମେ ମୁରଲୀଧରଙ୍କର ସନ୍ତାନ ଅଟ, ଯଦି ମୁରଲୀ ଶୁଣାଇବ ନାହିଁ ତେବେ ଉଚ୍ଚ ପଦ ପାଇ ପାରିବ ନାହିଁ । ଯଦି କାହାକୁ ନା କାହାକୁ ଶୁଣାଇବ ତେବେ ତୁମର ମୁଖ ଖୋଲିଯିବ । ତୁମ ପ୍ରତ୍ୟେକଙ୍କୁ ବାବାଙ୍କ ଭଳି ଟିଚର ନିଶ୍ଚିତ ହେବାକୁ ପଡିବ । ଯାହାସବୁ ପଢୁଛ ତାହା ପଢାଇବାକୁ ପଡିବ । ଛୋଟ ପିଲାମାନଙ୍କର ମଧ୍ୟ ଏହି ପାଠ ପଢିବାର ଅଧିକାର ଅଛି । ସେମାନେ ମଧ୍ୟ ବେହଦ ବାବାଙ୍କର ସମ୍ପତ୍ତି ନେବାର ଅଧିକାରୀ ଅଟନ୍ତି ।

ଓମ୍ ଶାନ୍ତି । ଏବେ ଶିବବାବାଙ୍କର ଜୟନ୍ତୀ ଆସୁଛି । ସେ ବିଷୟରେ କିପରି ବୁଝାଇବେ? ସେଥିପାଇଁ ବାବା ତୁମକୁ ବୁଝାଇଛନ୍ତି । ତୁମକୁ ପୁଣି ଅନ୍ୟମାନଙ୍କୁ ସେହିପରି ବୁଝାଇବାକୁ ପଡିବ । ଏମିତି ନୁହେଁ ଯେ ବାବା ଯେପରି ତୁମକୁ ପଢାଉଛନ୍ତି ସମସ୍ତଙ୍କୁ ସେହିପରି ବାବା ହିଁ ପଢାଇବେ । ଶିବବାବା ତୁମକୁ ପଢାଉଛନ୍ତି, ତୁମେ ମଧ୍ୟ ଜାଣିଛ ଯେ, ବାବା ଏହି ଶରୀର ଦ୍□ାରା ଆମକୁ ପଢାଉଛନ୍ତି । ବାସ୍ତବରେ ଆମେ ଶିବବାବାଙ୍କର ଜୟନ୍ତୀ ପାଳନ କରୁଛୁ । ଆମେ ଶିବଙ୍କର ନାମ ମଧ୍ୟ ନେଉଛୁ । ସିଏ ତ ନିରାକାର ହିଁ ଅଟନ୍ତି, ତାଙ୍କୁ ଶିବ କୁହାଯାଏ । ସେମାନେ କହୁଛନ୍ତି - ଶିବ ତ ଜନ୍ମ-ମରଣ ରହିତ ଅଟନ୍ତି । ତେବେ ତାଙ୍କର ପୁଣି ଜୟନ୍ତୀ କିପରି ପାଳନ ହେବ? ଏହା ତ ତୁମେ ଜାଣୁଛ - କିପରି କ୍ରମାନ୍□ୟରେ ପାଳନ କରି ଆସିଛେ । ପାଳନ କରି ହିଁ ଚାଲିବେ । ତେଣୁ ତାଙ୍କୁ ଏହି କଥା ବୁଝାଇବାକୁ ପଡିବ । ବାବା ଆସି ଏହି ଶରୀରର ଆଧାର ନେଉଛନ୍ତି । ମୁଖ ତ ନିଶ୍ଚୟ ଦରକାର । ଏଥିପାଇଁ ହିଁ ଗୋ ମୁଖର ମହିମା ରହିଛି । ଏହି ରହସ୍ୟ ଟିକେ ଜଟୀଳ । କିନ୍ତୁ ଶିବବାବାଙ୍କର କର୍ତ୍ତବ୍ୟକୁ ବୁଝିବାକୁ ପଡିବ । ଆମର ବେହଦର ବାବା ଆସିଛନ୍ତି, ତାଙ୍କଠାରୁ ହିଁ ଆମକୁ ବେହଦର ବର୍ସା ମିଳୁଛି । ବାସ୍ତବରେ ଭାରତକୁ ହିଁ ବେହଦର ବର୍ସା ମିଳିଥିଲା, ଆଉ କାହାକୁ ମିଳି ନ ଥିଲା । ଭାରତକୁ ହିଁ ସତ୍ୟଖଣ୍ଡ କୁହାଯାଏ ଏବଂ ବାବାଙ୍କୁ ମଧ୍ୟ ସତ୍ୟ କୁହାଯାଏ । ତେଣୁ ଏହି ସବୁ କଥାକୁ ସମସ୍ତଙ୍କୁ ବୁଝାଇବାକୁ ପଡିବ । ତେବେ ଏହି କଥା କେହି କେହି ଶୀଘ୍ର ବୁଝିପାରନ୍ତି ନାହିଁ, କେହି ଶୀଘ୍ର ବୁଝିଯାଆନ୍ତି । ଏହି ଯୋଗ ଏବଂ ଜ୍ଞାନ ଦୁଇଟିଯାକ ବାରମ୍ବାର ବୁଦ୍ଧିରୁ ଭୁଲିଯିବା ଭଳି ଜିନିଷ ଅଟେ । ସେଥିରେ ପୁଣି ଯୋଗ ଖୁବ୍ ଶୀଘ୍ର ତୁଟି ଯାଇଥାଏ । ନଲେଜ ତ ବୁଦ୍ଧିରେ ହିଁ ରହିଥାଏ, କିନ୍ତୁ ବାବାଙ୍କର ସ୍ମୃତି ଘଡିକୁ ଘଡି ଭୁଲି ହୋଇଯାଇଥାଏ । ନଲେଜ ତ ତୁମର ବୁଦ୍ଧିରେ ଅଛି କି ଆମେ କିପରି ୮୪ ଜନ୍ମ ନେଉଛୁ, ଯାହାଙ୍କଠାରେ ଏହି ଜ୍ଞାନ ରହିଛି ସେ ହିଁ ବୁଝିପାରିବ ଯେ ଯିଏ ପ୍ରଥମ ନମ୍ବରରେ ଆସିଥା'ନ୍ତି ସିଏ ହିଁ ୮୪ ଜନ୍ମ ନେବେ । ପ୍ରଥମେ ସବୁଠାରୁ ଶ୍ରେଷ୍ଠ ଲକ୍ଷ୍ମୀ-ନାରାୟଣଙ୍କୁ ହିଁ କୁହାଯିବ । ନରରୁ ନାରାୟଣ ହେବା କାହାଣୀ ମଧ୍ୟ ପ୍ରସିଦ୍ଧ ଅଟେ । ପୂର୍ଣ୍ଣିମା ତିଥିରେ ବହୁତ ସ୍ଥାନରେ ସତ୍ୟ ନାରାୟଣଙ୍କର କଥା ଶୁଣାଇଥା'ନ୍ତି । ଏବେ ତୁମେ ଜାଣୁଛ ଆମେ ବାସ୍ତବରେ ବାବାଙ୍କ ଦ୍□ାରା ନରରୁ ନାରାୟଣ ହେବାର ପାଠ ପଢୁଛେ । ଏହା ହେଉଛି ପବିତ୍ର ହେବାର ପାଠ ଏବଂ ସବୁ ପାଠପଢାରୁ ବିଲ୍‌କୁଲ୍ ସହଜ ମଧ୍ୟ ଅଟେ । କେବଳ ୮୪ ଜନ୍ମର ଚକ୍ରକୁ ଜାଣିବାକୁ ହେବ । ଆଉ ଏହି ପାଠ ମଧ୍ୟ ସମସ୍ତଙ୍କ ପାଇଁ ସମାନ । ଏହି ପାଠ ବୃଦ୍ଧ, ଯୁବକ, ପିଲା ସମସ୍ତଙ୍କ ପାଇଁ ଏକା ପ୍ରକାରର । ଛୋଟ ପିଲାଙ୍କର ମଧ୍ୟ ଏଥିରେ ଅଧିକାର ରହିଛି । ଯଦି ମା'-ବାପା ଏମାନଙ୍କୁ ଟିକେ ଟିକେ ଶିଖାଇ ଚାଲିବେ, ତେବେ ସମୟ ତ ବହୁତ ରହିଛି । ପିଲାଙ୍କୁ ମଧ୍ୟ ଏହି ଶିକ୍ଷା ଦିଆଯାଏ କି ଶିବବାବାଙ୍କୁ ମନେ ପକାଅ । ଆତ୍ମା ଓ ଶରୀର ଉଭୟଙ୍କର ପିତା ଭିନ୍ନ ଭିନ୍ନ ଅଟନ୍ତି । ପିଲାର ଆତ୍ମା ନିରାକାର ତ ଆତ୍ମାର ପିତା ମଧ୍ୟ ନିରାକାରୀ ଅଟନ୍ତି । ଏକଥା ମଧ୍ୟ ତୁମ ସନ୍ତାନମାନଙ୍କ ବୁଦ୍ଧିରେ ରହିଛି ଯେ ସେହି ନିରାକାର ଶିବବାବା ହିଁ ଆମର ପିତା ଅଟନ୍ତି, କିନ୍ତୁ ରୂପରେ କେତେ ଛୋଟ ଅଟନ୍ତି । ଏହା ଭଲ ଭାବରେ ମନେ ରଖିବା ଦରକାର, ଭୁଲିଯିବା ଉଚିତ୍ ନୁହେଁ । ଆମେ ଆତ୍ମା ମଧ୍ୟ ବିନ୍ଦୁ ଭଳି ସୂକ୍ଷ୍ମ ଅଟୁ । ଏମିତି ନୁହେଁ କି ଉପରକୁ ଗଲେ ବଡ ଦେଖାଯିବ, ତଳେ ଛୋଟ ହୋଇଯିବ । ନା, ତାହା ତ ବିନ୍ଦୁ ଅଟେ । ଉପରକୁ ଗଲେ ତ ତୁମକୁ ଯେପରି ଦେଖା ହିଁ ଯିବ ନାହିଁ । ବିନ୍ଦୁ ଅଟେ ନା । ଏତେ ସୂକ୍ଷ୍ମ ବିନ୍ଦୁ କିପରି ଦେଖାଯିବ । ଏହି କଥା ଉପରେ ପିଲାମାନଙ୍କୁ ଭଲ ଭାବରେ ବିଚାର ମଧ୍ୟ କରିବାକୁ ପଡିବ । ଆମେ ଆତ୍ମା ଶରୀର ଦ୍□ାରା ପାର୍ଟ କରିବା ପାଇଁ ଉପରୁ ଏଠାକୁ ଆସିଛୁ, ଆତ୍ମା ବଡ ଛୋଟ ହୁଏ ନାହିଁ । କର୍ମେନ୍ଦ୍ରିୟ ଗୁଡିକ ପ୍ରଥମେ ଛୋଟ ପରେ ପୁଣି ବଡ ହୋଇଥାଏ ।

ଏବେ ତୁମେ ଯେପରି ସବୁ କିଛି ବୁଝି ପାରିଛ ସେହିପରି ଅନ୍ୟମାନଙ୍କୁ ମଧ୍ୟ ବୁଝାଇବାକୁ ପଡିବ । ଏହା ତ ନିଶ୍ଚିତ ଯେ, କ୍ରମାନୁସାରେ ଯିଏ ଯେତିକି ପଢିଥିବେ, ସିଏ ସେତିକି ହିଁ ପଢାଇ ପାରିବେ । ସମସ୍ତଙ୍କୁ ଶିଖାଇବା ପାଇଁ ଟିଚର ମଧ୍ୟ ନିଶ୍ଚିତ ହେବାକୁ ପଡିବ । ବାବାଙ୍କଠାରେ ତ ନଲେଜ ରହିଛି ଏବଂ ସିଏ ଅତି ସୂକ୍ଷ୍ମ ପରମଆତ୍ମା ଅଟନ୍ତି, ଯିଏକି ସଦାସର୍ବଦା ପରମଧାମରେ ହିଁ ରହିଥା'ନ୍ତି । ଏଠାକୁ କେବଳ ଥରେ ମାତ୍ର ସଂଗମଯୁଗରେ ଆସିଥାଆନ୍ତି । ବାବାଙ୍କୁ ମଧ୍ୟ ସେତେବେଳେ ଡାକିଥା'ନ୍ତି ଯେତେବେଳେ ବହୁତ ଦୁଃଖୀ ହୋଇଯାଆନ୍ତି । କୁହନ୍ତି, ଆମକୁ ଆସି ସୁଖୀ କର । ପିଲାମାନେ ତ ଏବେ ଜାଣୁଛନ୍ତି ଯେ ଆମେ ଡାକି ଥାଉ - ବାବା, ଆପଣ ଆସି ଆମକୁ

ପତିତ ଦୁନିଆରୁ ନୂଆ ସତ୍ୟଯୁଗୀ ସୁଖୀ ପାବନ ଦୁନିଆକୁ ନେଇଚାଲ ଅର୍ଥାତ୍ ସେଠାକୁ ଯିବାର ରାସ୍ତା ଦେଖାଅ । ସେ ମଧ୍ୟ ଯେତେବେଳେ ନିଜେ ଆସିବେ ସେତେବେଳେ ରାସ୍ତା ଦେଖାଇବେ । ଶିବବାବା ସେତେବେଳେ ଆସିବେ ଯେତେବେଳେ ଦୁନିଆକୁ ପରିବର୍ତ୍ତନ କରିବାକୁ ପଡିବ । ଏହା ବହୁତ ସହଜ କଥା, ନୋଟ୍ କରିବାର କଥା । ବାବା ଆଜି ଏପରି ବୁଝାଇଛନ୍ତି, ଆମେ ମଧ୍ୟ ଏହିପରି ବୁଝାଇବା । ଏଭଳି ଅଭ୍ୟାସ କରି କରି ମୁଖ ଖୋଲିଯିବ । ତୁମେ ମୁରଲୀଧରଙ୍କର ସନ୍ତାନ ଅଟ ତେଣୁ ତୁମକୁ ମୁରଲୀଧର ନିଶ୍ଚୟ ହେବାକୁ ପଡିବ । ଯେବେ ଅନ୍ୟର କଲ୍ୟାଣ କରିବ ତେବେ ଯାଇ ନୂଆ ଦୁନିଆରେ ଉଚ୍ଚ ପଦ ପାଇବ । ସେହି ପାଠ ତ ହେଉଛି ଏହି ଦୁନିଆ ପାଇଁ । ଏହା ହେଉଛି ଭବିଷ୍ୟ ନୂଆ ଦୁନିଆ ପାଇଁ ପାଠପଢା । ସେଠାରେ ତ ସର୍ବଦା ସୁଖ ହିଁ ସୁଖ ରହିଥାଏ । ସେଠାରେ ଏହି ୫ ବିକାର ହଇରାଣ କରିବା ପାଇଁ ରହିବ ନାହିଁ । ଏଠାରେ ରାବଣ ରାଜ୍ୟ ଅଥବା ଅନ୍ୟର ରାଜ୍ୟରେ ଆମେ ରହିଛୁ । ତୁମେମାନେ ହିଁ ପ୍ରଥମେ ପ୍ରଥମେ ନିଜର ରାଜ୍ୟରେ ଥିଲ । ତୁମେ କହୁଛ ନୂଆ ଦୁନିଆ, ପୁଣି ଭାରତକୁ ହିଁ ପୁରୁଣା ଦୁନିଆ କୁହାଯାଏ । ଗାୟନ ମଧ୍ୟ ଅଛି ନୂଆ ଦୁନିଆରେ କେବଳ ଭାରତ ହିଁ ଥିଲା । ଏମିତି କୁହାଯାଏ ନାହିଁ କି ନୂଆ ଦୁନିଆରେ ଇସ୍ଲାମୀ, ବୌଦ୍ଧୀମାନେ ଥିଲେ । ନା । ଏବେ ତୁମ ବୁଦ୍ଧିରେ ରହିଛି ଯେ ବାବା ଆସି ଆମକୁ ଜାଗ୍ରତ କରୁଛନ୍ତି । ଡ୍ରାମାରେ ତାଙ୍କର ପାର୍ଟ ହିଁ ଏହିପରି ଅଛି । ଭାରତକୁ ହିଁ ଆସି ସ୍□ର୍ଗ କରିଥାଆନ୍ତି । ଭାରତ ହିଁ ପ୍ରଥମ ଦେଶ ଯାହାକୁ ସ୍□ର୍ଗ କୁହାଯାଏ । ଭାରତର ଆୟୁ ମଧ୍ୟ ସୀମିତ । ଲକ୍ଷ ଲକ୍ଷ ବର୍ଷ କହିବା ଏହା ତ ସୀମାହୀନ ହୋଇଯାଉଛି । ଲକ୍ଷ ଲକ୍ଷ ବର୍ଷର କୌଣସି କଥା ତ ସ୍ମୃତିରେ ଆସି ହିଁ ପାରିବ ନାହିଁ । ଭାରତ ନୂଆ ଥିଲା, ଏବେ ପୁରୁଣା ଭାରତ ହିଁ କୁହାଯିବ, ପୁଣି ଭାରତ ହିଁ ନୂଆ ଦୁନିଆ ହେବ । ତୁମେ ଜାଣିଛ ଆମେ ଏବେ ନୂଆ ଦୁନିଆର ମାଲିକ ହେବାକୁ ଯାଉଛୁ । ବାବା ରାୟ ଦେଇଛନ୍ତି ମୋତେ ମନେ ପକାଇଲେ ତେବେ ଯାଇ ତୁମର ଆତ୍ମା ନୂଆ ଅର୍ଥାତ୍ ପବିତ୍ର ହୋଇଯିବ । ପୁଣି ଶରୀର ମଧ୍ୟେ ନୂଆ ମିଳିବ । ଆତ୍ମା ଓ ଶରୀର ଉଭୟ ସତ୍ତ୍□ପ୍ରଧାନ ହୋଇଯାଇଥାଏ । ତୁମକୁ ସୁଖ ପାଇଁ ହିଁ ରାଜ୍ୟ ମିଳୁଛି । ଏହି ଡ୍ରାମା ମଧ୍ୟ ଅନାଦି ତିଆରି ହୋଇଛି । ନୂଆ ଦୁନିଆରେ ସୁଖ ଏବଂ ଶାନ୍ତି ଭରି ହୋଇ ରହିଛି । ସେଠାରେ କୌଣସି ତୋଫାନ ପ୍ରଭୃତି ହୁଏ ନାହିଁ । ବେହଦର ଶାନ୍ତିରେ ସମସ୍ତେ ଶାନ୍ତ ହୋଇଯାଇଥାଆନ୍ତି । ଏଠାରେ ଅଶାନ୍ତି, ତେଣୁ ସମସ୍ତେ ଅଶାନ୍ତ ଅଟନ୍ତି । ସତ୍ୟଯୁଗରେ ସମସ୍ତେ ଶାନ୍ତ ଥାଆନ୍ତି । କେତେ ଆଶ୍ଚର୍ଯ୍ୟଜନକ କଥା ଅଟ ନା । ଏହା ଅନାଦି ପୂର୍ବ ପ୍ରସ୍ତୁତ ଖେଳ ଅଟେ । ଏହା ହେଉଛି ବେହଦର କଥା । ସେମାନେ ହଦର (ଗୋଟିଏ ଜନ୍ମ ପାଇଁ) ବାରିଷ୍ଟରୀ, ଇଞ୍ଜିନିୟରୀ ଆଦି ପଢୁଛନ୍ତି । ଏବେ ତୁମର ବୁଦ୍ଧିରେ ବେହଦର ନଲେଜ ରହିଛି । ବାବା କେବଳ ଥରେ ମାତ୍ର ଏଠାକୁ ଆସି ବେହଦ ଡ୍ରାମାର ରହସ୍ୟକୁ ବୁଝାଉଛନ୍ତି । ଆଗରୁ ତ ଏହି ନାମ ମଧ୍ୟ ଶୁଣି ନ ଥିଲ କି ବେହଦର ଡ୍ରାମା କିପରି ଚାଲୁଛି । ଏବେ ବୁଝୁଛ ସତ୍ୟ-ତ୍ରେତାଯୁଗ ନିଶ୍ଚିତ ଅତୀତ ହୋଇଯାଇଛି, ଯେଉଁଥିରେ ଏମାନଙ୍କର (ଲକ୍ଷ୍ମୀ-ନାରାୟଣଙ୍କର) ରାଜ୍ୟ ଥିଲା । ତ୍ରେତାରେ ରାମରାଜ୍ୟ ଥିଲା । ପରେ ପୁଣି ଅନ୍ୟ ଧର୍ମ ସବୁ ଆସିଲେ । ଇସ୍ଲାମୀ, ବୌଦ୍ଧୀ, ଖ୍ରୀଷ୍ଟିୟାନ୍..... ସବୁ ଧର୍ମର କଥା ପୁରା ଜଣା ଅଛି । ଏହି ଧର୍ମ ସବୁ ୨୫୦୦ ବର୍ଷ ଭିତରେ ହିଁ ଆସିଛନ୍ତି । ସେଥିରୁ ୧୨୫୦ ବର୍ଷ କଳିଯୁଗ । ସବୁ ହିସାବ ରହିଛି ନା । ଏମିତି ନୁହେଁ କି ସୃଷ୍ଟିର ଆୟୁ ହିଁ ୨୫୦୦ ବର୍ଷ ଅଟେ । ନା । ଆଚ୍ଛା, ତେବେ ଆଉ କିଏ ଥିଲା, ବିଚାର କରାଯାଏ । ଏମାନଙ୍କ ଆଗରୁ ନିଶ୍ଚିତ ଭାବେ ଦେବୀ-ଦେବତାମାନେ ଥିଲେ । ତେବେ ସେମାନେ ମଧ୍ୟ ମନୁଷ୍ୟ ହିଁ ଥିଲେ, ପରନ୍ତୁ ଦୈବୀଗୁଣଧାରୀ ଥିଲେ । ସୂର୍ଯ୍ୟବଂଶୀ-ଚନ୍ଦ୍ରବଂଶୀମାନଙ୍କର ରାଜତ୍□ ୨୫୦୦ ବର୍ଷ ଅଧାକଳ୍ପ ଚାଲିଲା । ବାକି ଅଧାକଳ୍ପରେ ଅନ୍ୟ ଧର୍ମ ସବୁ ଆସିଲେ । ଏହାଠାରୁ ଅଧିକ କିଛି ହିସାବ-କିତାବ ତ କରାଯାଇପାରିବ ନାହିଁ । ସମ୍ପୂର୍ଣ୍ଣ, ପୌନା (ତିନିଭାଗ), ଅଧା, ଚଉଠେ । ଚାରିଭାଗ ଅଛି । ନିୟମ ଅନୁସାରେ ଅଲଗା-ଅଲଗା ହେବ ନା । ଅଧାକଳ୍ପ ପର୍ଯ୍ୟନ୍ତ ତ ଏମାନେ ଥିଲେ । କୁହାଯାଏ ସତ୍ୟଯୁଗରେ ସୂର୍ଯ୍ୟବଂଶୀ ରାଜ୍ୟ, ତ୍ରେତୟାରେ ଚନ୍ଦ୍ରବଂଶୀ ରାମରାଜ୍ୟ - ଏ କଥା ତୁମେ ସିଦ୍ଧ (ସାବ୍ୟସ୍ତ) କରି ବୁଝାଉଛ । ତେବେ ନିଶ୍ଚିତ ଭାବରେ ସବୁଠାରୁ ଅଧିକ ଆୟୁ ଏମାନଙ୍କର ହିଁ ହୋଇଥିବ, ଯେଉଁମାନେ ସତ୍ୟଯୁଗର ପ୍ରଥମରୁ ଆସିଥାଆନ୍ତି । କଳ୍ପ ହିଁ ୫ ହଜାର ବର୍ଷର ଅଟେ । କିନ୍ତୁ ସେମାନେ ୮୪ ଲକ୍ଷ ଯୋନି କହିଦେଉଛନ୍ତି ଏବଂ କଳ୍ପର ଆୟୁ ମଧ୍ୟ ଲକ୍ଷ ଲକ୍ଷ ବର୍ଷ ବୋଲି କହିଦେଉଛନ୍ତି । ତୁମ କଥା କେହି ମାନିବେ ହିଁ ନାହିଁ । ଏତେ ବଡ ଦୁନିଆ ମଧ୍ୟ ହୋଇପାରିବ ନାହିଁ । ତେଣୁ ବାବା ବସି ବୁଝାଉଛନ୍ତି - ତାହା ସବୁ ଅଜ୍ଞାନ ଓ ଏହା ହେଉଛି ଜ୍ଞାନ । ଜ୍ଞାନ କେଉଁଠାରୁ ଆସିଲା - ଏହା ମଧ୍ୟ କାହାକୁ ଜଣା ନାହିଁ । ଜ୍ଞାନର ସାଗର ତ ଏକମାତ୍ର ବାବା ଅଟନ୍ତି, ସେ ହିଁ ଏହି ମୁଖ ଦ୍□ାରା ଜ୍ଞାନ ଦାନ କରୁଛନ୍ତି । କୁହାଯାଏ ଗୋମୁଖ, ଏହି ଗୋ ମାତା (ବ୍ରହ୍ମା) ଦ୍□ାରା ତୁମ ସମସ୍ତଙ୍କୁ ପୋଷ୍ୟ ରୂପେ ଗ୍ରହଣ କରିଥାଆନ୍ତି । ଏହି ଅଳ୍ପ କିଛି କଥାକୁ ବୁଝାଇବା ତ ବହୁତ ସହଜ । କିନ୍ତୁ ଗୋଟିଏ ଦିନ ବୁଝାଇ ଯଦି ଛାଡିଦେବ ତେବେ ବୁଦ୍ଧି ଅନ୍ୟ ଅନ୍ୟ କଥାରେ ଲାଗିଯିବ । ସ୍କୁଲରେ ଦିନେ ପଢାଯାଏ ନା ପ୍ରତିଦିନ ପଢାଯାଏ! ଜ୍ଞାନ ଗୋଟିଏ ଦିନରେ ବୁଝାଯାଇ ପାରେ ନାହିଁ । ବେହଦର ବାବା ଆମକୁ ପଢାଉଛନ୍ତି ତେବେ ନିଶ୍ଚିତ ବେହଦର ପାଠ ହୋଇଥିବ । ବାବା ବେହଦର ରାଜ୍ୟ ଦେଉଛନ୍ତି । ଭାରତରେ ବେହଦର ରାଜ୍ୟ ଥିଲା ନା । ଏହି ଲକ୍ଷ୍ମୀ-ନାରାୟଣ ବେହଦର ରାଜ୍ୟ ଚଳାଉଥିଲେ (ଯାହାର କୌଣସି ସୀମା ନ ଥିଲା) । କିନ୍ତୁ ଏକଥା କାହାର ସ୍□ପ୍ନରେ ମଧ୍ୟ ଆସିବ ନାହିଁ କି ପଚାରିବେ ଲକ୍ଷ୍ମୀ-ନାରାୟଣ ବିଶ୍□ର ରାଜତ୍□ କିପରି ପାଇଥିଲେ? ସେମାନଙ୍କ ପାଖରେ ବହୁତ ପବିତ୍ରତା ଥିଲା, ସେମାନେ ଯୋଗୀ ଥିଲେ ନା ସେଥିପାଇଁ ଆୟୁଷ ମଧ୍ୟେ ଅଧିକ ଥିଲା । ଆମେ ହିଁ ଯୋଗୀ ଥିଲେ । ପୁଣି ୮୪ ଜନ୍ମ ନେଇ ଭୋଗୀ ନିଶ୍ଚିତ ହେବାକୁ ପଡିବ । ମନୁଷ୍ୟ ଜାଣିନାହାଁନ୍ତି କି ଇଏ ମଧ୍ୟ ନିଶ୍ଚିତ ପୁନର୍ଜନ୍ମରେ ଆସିଥିବେ । ଏମାନଙ୍କୁ ଭଗବାନ-ଭଗବତୀ କୁହାଯାଏ ନାହିଁ । ତାଙ୍କ ପୂର୍ବରୁ ତ ଆଉ କେହି ନାହାଁନ୍ତି ଯିଏ ୮୪ ଜନ୍ମ ନେଇଥିବେ । ପ୍ରଥମେ ପ୍ରଥମେ ତ ଯେଉଁମାନେ ସତ୍ୟଯୁଗରେ ରାଜତ୍□ କରିବେ ସେହିମାନେ ହିଁ ୮୪ ଜନ୍ମ ନେବେ ଓ କ୍ରମାନ୍□ୟରେ ତଳକୁ ଓହ୍ଲାଇବେ । ଆମେ ଆତ୍ମା ପୁଣି ଦେବତା ହେବା ପୁଣି କ୍ଷତ୍ରୀୟ, ଡିଗ୍ରୀ କମ୍ ହୋଇଯିବ । ଗାୟନ ମଧ୍ୟ ରହିଛି ଯିଏ ପୂଜ୍ୟ ସିଏ ହିଁ ପୁଣି ପୂଜାରୀ । ସତ୍ତ୍□ପ୍ରଧାନରୁ ତମଃପ୍ରଧାନ ହେଉଛନ୍ତି । ଏମିତି ପୁନର୍ଜନ୍ମ ନେଇ ନେଇ ତଳକୁ ତଳକୁ ଓହ୍ଲାଇ ଥାଆନ୍ତି । ଏହା

କେତେ ସହଜ, ପରନ୍ତୁ ମାୟା ମଧ୍ୟ ଏମିତି ଯିଏକି ସବୁ କଥାକୁ ଭୁଲାଇ ଦିଏ । ଏହି ସବୁ ପଏଣ୍ଟକୁ ଏକାଠି କରି ପୁସ୍ତକ ଆଦି ଲେଖିବା ଦରକାର କିନ୍ତୁ ଏ ସବୁ ତ କିଛି ରହିବ ନାହିଁ । ଏହା ଅଳ୍ପ ସମୟ ପାଇଁ ଅସ୍ଥାୟୀ ଅଟେ । ବାବା କୌଣସି ଗୀତା ଶୁଣାଇ ନ ଥିଲେ । ବାବା ତ ଯେପରି ଏବେ ବୁଝାଉଛନ୍ତି ସେହିପରି ବୁଝାଇଥିଲେ । ଏହି ବେଦ ଶାସ୍ତ୍ର ଆଦି ସବୁ ପରେ ଲେଖାଯାଇଛି । ଏହିସବୁ ଜ୍ଞାନର ସମସ୍ତ ସାମଗ୍ରୀ ଆଦି ଯାହା ସବୁ ରହିଛି, ସେ ସବୁ ବିନାଶ ହୋଇଯିବ, ସବୁ ଜଳିଯିବ । ସତ୍ୟ-ତ୍ରେତୟାରେ କୌଣସି ପୁସ୍ତକ ନ ଥାଏ, ପରେ ଭକ୍ତିମାର୍ଗରେ ଏ ସବୁ ତିଆରି ହୁଏ । କେତେ ଜିନିଷ ତିଆରି ହୋଇଥାଏ । ରାବଣକୁ ମଧ୍ୟ ତିଆରି କରିଥା'ନ୍ତି କିନ୍ତୁ ଅଜ୍ଞାନତାର ବଶବର୍ତ୍ତୀ ହୋଇ । କିଛି ବି କହିପାରିବେ ନାହିଁ । ବାବା ବୁଝାଉଛନ୍ତି ପ୍ରତି ବର୍ଷ ରାବଣ ତିଆରି କରନ୍ତି ପୁଣି ଜଳାଇଥାନ୍ତି, ନିଶ୍ଚିତ ଇଏ ବଡ ଶତ୍ରୁ ଅଟେ । କିନ୍ତୁ କିପରି ଭାବରେ ଶତ୍ରୁ ଏହା କେହି ଜାଣିନାହାଁନ୍ତି । ସେମାନେ ଭାବନ୍ତି ସିଏ ସୀତାକୁ ଚୋରାଇ ନେଇଥିଲା ସେଥିପାଇଁ ବୋଧ ହୁଏ ସେ ଶତ୍ରୁ ଅଟେ । ରାମଙ୍କ ସୀତାକୁ ଚୋରାଇ ନେଇଥିଲା, ତେବେ ନିଶ୍ଚିତ ବଡ ଡାକୁ ହୋଇଥିବ । କେବେ ଚୋରି କରିଥିଲା! ତ୍ରେତାରେ କହିବା ନା ତ୍ରେତା ଶେଷରେ କହିବା । ଏହି କଥା ଉପରେ ମଧ୍ୟ ବିଚାର କରାଯାଏ । କେତେବେଳେ ଚୋରି ହେବା କଥା! କେଉଁ ରାମଙ୍କର ସୀତା ଚୋରି ହୋଇଥିଲା? ରାମ-ସୀତାଙ୍କର ମଧ୍ୟ ରାଜଧାନୀ ଚାଲିଥିଲା କି? କେବଳ ଏକ ଯୋଡି ରାମ-ସୀତା ତ ନ ଥିଲେ? ଏହା ତ ଶାସ୍ତ୍ରରେ ଯେପରି ଏକ କାହାଣୀ ଲେଖାଯାଇଛି । ବିଚାର କରାଯାଉଛି - କେଉଁ ସୀତା? ୧୨ ଯୋଡି ରାମ-ସୀତା ତ ରାଜତ୍□ କରିଥା'ନ୍ତି । ତେବେ କେଉଁ ସୀତାକୁ ରାବଣ ଚୋରାଇଥିଲା? ନିଶ୍ଚିତ ଶେଷ ଯୋଡିର ସୀତା ହୋଇଥିବ । ଏମାନେ ଯାହା କହୁଛନ୍ତି ଯେ ରାମଙ୍କର ସୀତାକୁ ଚୋରାଇ ନିଆଗଲା, ତେବେ ରାମ ରାଜ୍ୟରେ ସାରା ସମୟ ଜଣଙ୍କର ତ ରାଜ୍ୟ ଚାଲିବ ନାହିଁ । ନିଶ୍ଚିତ ବଂଶାନୁକ୍ରମେ ଚାଲିଥିବ । ତେବେ କେଉଁ ନମ୍ବରର ସୀତାକୁ ଚୋରାଇ ନିଆଯାଇଥିଲା? ଏହା ସବୁ ବହୁତ ବୁଝିବାର କଥା ଅଟେ । ତୁମେ ପିଲାମାନେ ବହୁତ ନମ୍ର ଭାବରେ କାହାକୁ ବି ଏହି ରହସ୍ୟ ସବୁ ବୁଝାଇ ପାରିବ । ବାବା ବୁଝାଉଛନ୍ତି ଭକ୍ତିମାର୍ଗରେ ମଣିଷ କେତେ ଧକ୍କା ଖାଇ ଖାଇ କେତେ ଦୁଃଖୀ ହୋଇଯାଇଛନ୍ତି । ଯେତେବେଳେ ଅତି ଦୁଃଖୀ ହୋଇଯାଆନ୍ତି, ସେତେବେଳେ ଚିତ୍କାର କରିଥାଆନ୍ତି, ବାବା ଏହି ଦୁଃଖରୁ ଉଦ୍ଧାର କର । ରାବଣ ତ କୌଣସି ସ୍ଥୂଳ ଜିନିଷ ନୁହେଁ ନା । ଯଦି ଅଛି, ତେବେ ନିଜ ରାଜାକୁ ପ୍ରତିବର୍ଷ ମାରୁଛନ୍ତି କାହିଁକି? ରାବଣର ନିଶ୍ଚିତ ସ୍ତ୍ରୀ ମଧ୍ୟ ଥିବ । ମନ୍ଦୋଦରୀକୁ ରାବଣର ସ୍ତ୍ରୀ କହିଥାଆନ୍ତି । ମନ୍ଦୋଦରୀର ପିତୁଳା ତିଆରି କରି ମଧ୍ୟ ଜଳେଇବା ଦରକାର, ଏମିତି ତ କେବେ ଦେଖାଯାଏ ନାହିଁ । ତେଣୁ ବାବା ବୁଝାଉଛନ୍ତି ଏହା ହେଉଛି ହିଁ ମିଛ ମାୟା, ମିଛ କାୟା.... ଏବେ ତୁମେ ମିଥ୍ୟାବାଦୀ ମଣିଷରୁ ସତ୍ୟବାଦୀ ଦେବତା ହେବା ପାଇଁ ଏଠାରେ ବସିଛ । ଫରକ ତ ହେଲା ନା । ସେଠାରେ ତ ସର୍ବଦା ସତ୍ୟ କହିବେ । କାରଣ ତାହା ସତ୍ୟଖଣ୍ଡ ଅଟେ । ଏହା ହେଉଛି ମିଥ୍ୟାଖଣ୍ଡ । ତେଣୁ ଏଠାରେ ସମସ୍ତେ ମିଥ୍ୟା କହି ଚାଲିଥା'ନ୍ତି । ଆଚ୍ଛା—

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହ ସମ୍ପନ୍ନ ଶୁଭେଚ୍ଛା ଏବଂ ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର **:—**

(୧) ଜ୍ଞାନ ସାଗର ବାବା ପ୍ରତିଦିନ ଯେଉଁ ବେହଦର ପାଠ ପଢାଉଛନ୍ତି, ତାହା ଉପରେ ବିଚାର-ସାଗର ମନ୍ଥନ କରିବାକୁ ହେବ । ଯାହା ସବୁ ପଢୁଛନ୍ତି ତାକୁ ପୁଣି ଅନ୍ୟମାନଙ୍କୁ ମଧ୍ୟ ପଢାଇବାକୁ ପଡିବ ।

(୨) ଏହି ବେହଦର ଡ୍ରାମା କିପରି ଚାଲିଛି, ଏହା ଅନାଦି ପୂର୍ବ ନିର୍ଦ୍ଧାରିତ ଡ୍ରାମା ଅତି ଆଶ୍ଚର୍ଯ୍ୟଜନକ ଅଟେ, ଏହି ସବୁ ରହସ୍ୟକୁ ଭଲ ଭାବରେ ବୁଝି ଅନ୍ୟମାନଙ୍କୁ ବୁଝାଇବାକୁ ପଡିବ ।

ବରଦାନ**:-** ପବ୍ରିତତାର ଶ୍ରେଷ୍ଠ ଧାରଣା ଦ୍□ାରା ଏକ ଧର୍ମର ସଂସ୍କାର ଯୁକ୍ତ ସମର୍ଥ ସମ୍ରାଟ ହୁଅ ।

ତୁମମାନଙ୍କର ସ୍□ରାଜ୍ୟର ଧର୍ମ ଅର୍ଥାତ୍ ଧାରଣା ହେଉଛି "ପବିତ୍ରତା" । ଏକ ଧର୍ମ ଅର୍ଥାତ୍ ଏକ ଧାରଣା । ସ୍□ପ୍ନ ବା ସଂକଳ୍ପ ମାତ୍ରରେ ମଧ୍ୟ ଅପବିତ୍ରତା ଅର୍ଥାତ୍ ଅନ୍ୟ କୌଣସି ଧର୍ମ ନ ରହୁ କାହିଁକି ନା ଯେଉଁଠି ପବ୍ରିତତା ଅଛି ସେଠାରେ ଅପବିତ୍ରତା ଅର୍ଥାତ୍ ବ୍ୟର୍ଥ ବା ବିକଳ୍ପର ନାମ-ଗନ୍ଧ ନ ଥିବ । ତେବେ ନିଜ ନିଜ ଭିତରେ ଏହିଭଳି ସମ୍ପୂର୍ଣ୍ଣ ପବିତ୍ରତାର ସଂସ୍କାର ଭରୁଥିବା ଆତ୍ମମାନେ ହିଁ ସମର୍ଥ ସମ୍ରାଟ ଅଟନ୍ତି କାରଣ ବର୍ତ୍ତମାନର ଶ୍ରେଷ୍ଠ ସଂସ୍କାର ଆଧାରରେ ହିଁ ଭବିଷ୍ୟତର ସଂସାର ନିର୍ମାଣ ହେଉଛି । ବର୍ତ୍ତମାନର ସଂସ୍କାର ଭବିଷ୍ୟତ ସଂସାରର ମୂଳଦୁଆ ଅଟେ ।

ସ୍ଲୋଗାନ**:-** ବିଜୟୀ ରତ୍ନ ସେହିମାନେ ହୋଇଥାଆନ୍ତି ଯେଉଁମାନଙ୍କର ସଚ୍ଚା ସ୍ନେହ ଏକମାତ୍ର ପରମାତ୍ମାଙ୍କ ସହିତ ରହିଛି ।

*** ଓମ୍ ଶାନ୍ତି ***